# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 26 July - 2024
### News Editor : Tapan Kumar Maharana
****************************************

## ମୁଖ୍ୟ ସମ୍ବାଦ

- ଦେଶର ବିକାଶ ପଥରେ ଦେଖାଦେଉଥିବା ପ୍ରତ୍ୟେକ ଆହ୍ୱାନକୁ ମୁକାବିଲା କରିବାରେ ଭାରତ ସାମର୍ଥ୍ୟ ରଖିଛି, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– କାର୍ଗିଲ୍ ଦିବସ ଅବସରରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଶହୀଦ ବୀର ଯବାନଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି ।

- ବିଧାନସଭାର ପଞ୍ଚମ ଦିବସରେ ଗୃହକାର୍ଯ୍ୟ ସ୍ୱାଭାବିକ ।

– ଖାଲିପଡ଼ିଥିବା ୧୭ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ପଦ ପୂରଣ ପାଇଁ ସରକାର ନେବେ ନିଷ୍ପତ୍ତି, କହିଲେ ଗଣଶିକ୍ଷାମନ୍ତ୍ରୀ

- ଓଡ଼ିଶା ହାଇକୋର୍ଟର ୭୭ ତମ ପ୍ରତିଷ୍ଠା ଦିବସ ପାଳିତ ।

- ବୃଦ୍ଧି ପାଉଥିବା ଆଳୁର ଦର ଓ ଚାହିଦାକୁ ମେଣ୍ଟାଇବା ପାଇଁ ସରକାର ଉତ୍ତରପ୍ରଦେଶରୁ ଆମଦାନୀ କରିବେ ଆଳୁ ।

ଏବଂ

● ଲଘୁଚାପ ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା

**କାର୍ଗିଲ ବିଜୟ ଦିବସ**

ସମଗ୍ର ଦେଶ ଆଜି କାର୍ଗିଲ ବିଜୟ ଦିବସ ପାଳନ କରୁଛି । ୧୯୯୯ ମସିହାରେ ୮୪ଦିନର ଯୁଦ୍ଧରେ ସାରା ବିଶ୍ୱ ଦେଖିଥିଲା ଭାରତୀୟ ସେନାର ଶୌର୍ଯ୍ୟ ଏବଂ ପରାକ୍ରମ । କାର୍ଗିଲ ଯୁଦ୍ଧରେ ପାକିସ୍ତାନକୁ ପରାଜିତ କରିଥିଲେ ଭାରତୀୟ ସେନା । ଏହି ଯୁଦ୍ଧରେ ୫୨୭ ଯବାନ ସହିଦ ହୋଇଥିବା ବେଳେ ୧ହଜାର ୩୬୩ଜଣ ଆହତ ହୋଇଥିଲେ । ବୀର ଯବାନଙ୍କ ବଳିଦାନ ଯୋଗୁଁ କାର୍ଗିଲର ଟାଇଗର ଶୃଙ୍ଗରେ ତ୍ରିରଙ୍ଗା ଉଡ଼ାଇ ଭାରତୀୟ ସେନା ବିଜୟ ହାସଲ କରିଥିଲେ । ଏହି ଅବସରରେ ଲଦାଖର ଦ୍ରାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଶ୍ରୀ ମୋଦୀ ଉଦବୋଧନ ଦେଇ କହିଛନ୍ତି 'ଆମେ କେବଳ ଯୁଦ୍ଧ ଜିତି ନାହୁଁ, ବରଂ ସତ୍ୟ, ସଂଯମତା ଏବଂ ଶକ୍ତି ମଧ୍ୟ ପ୍ରଦର୍ଶନ କରିଛୁ । ବିକାଶ ପଥରେ ଆସୁଥିବା ପ୍ରତ୍ୟେକ ଆହ୍ୱାନକୁ ଭାରତ ମୁକାବିଲା କରିବାର ସାମର୍ଥ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।-

**V/O –**

## ରାଷ୍ଟ୍ରପତି- କେନ୍ଦ୍ରମନ୍ତ୍ରୀ-ଶ୍ରଦ୍ଧାଞ୍ଜଳି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାରଗିଲ ଦିବସର ରୌପ୍ୟ ଜୟନ୍ତୀ ଅବସରରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, କାରଗିଲ ବିଜୟ ଦିବସ ହେଉଛି ସଶସ୍ତ୍ର ବଳର ଅଦମ୍ୟ ସାହସ ଓ ଅସାଧାରଣ ପରାକ୍ରମ । ସେ କହିଛନ୍ତି ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନ କରି ଶହୀଦ ହୋଇଥିବା ଯବାନମାନଙ୍କୁ ରାଷ୍ଟ୍ର ସମ୍ମାନ ଦେବାର ଏହା ଏକ ଅବସର ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ, କାରଗିଲ ବିଜୟ ଦିବସର ଭାରତୀୟ ସେନାର ସାହାସୀ ବୀରମାନେ ଅଦ୍ଭୁତ ସାମର୍ଥ୍ୟ ଓ ସକ୍ଷମତାର ପରିଚୟ ଦେଇ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଉଚିତ ଜବାବ ଦେଇଥିଲେ । ଭାରତୀୟ ସେନାର ଅସାଧାରଣ ବୀରତ୍ୱ ଓ କର୍ତ୍ତବ୍ୟପରାୟଣତା ପ୍ରତି ଭାରତୀୟଙ୍କୁ ଗୌରବାନିତ୍ୱ କରୁଥିବ ।

## ବିଧାନସଭା

ସପ୍ତଦଶ ବିଧାନସଭାର ଆଜି ପଞ୍ଚମ ଦିବସରେ ଗୃହ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି । ପ୍ରଶ୍ନକାଳରେ ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ଶିଳ୍ପ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ

ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଦକ୍ଷତା ବିକାଶ ଓ ବୈଷୟିକ, ଶିଳ୍ପ, କ୍ରୀଡା ଓ ଯୁବ କଲ୍ୟାଣ ବିଭାଗ ଉପରେ ଆଲୋଚନା ହୋଇଥିଲା । ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ ଆଲୋଚନାରେ ଭାଗନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଖୁବ ଶୀଘ୍ର ରାଜ୍ୟର ୧୬ ହଜାର ୫୧୯ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡ଼ିଥିବା ୧୭ ହଜାର ୭୬୧ ଶିକ୍ଷକ ପଦ ପୂରଣ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଏ ସଂପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟରେ ବନ୍ଦ ହୋଇଥିବା ସ୍କୁଲ ଗୁଡିକ ଖୋଲିବା ନେଇ ପଦକ୍ଷେପ ନିଆଯାଉଛି । ବଡଚଣା ବିଧାୟକ ଅମର ନାଏକଙ୍କ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ସ୍ଥିତି ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଚଳିତ ବର୍ଷ ଶେଷ ସୁଦ୍ଧା ବଡ଼ଚଣା ବ୍ଲକରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ । ଏହା ବ୍ୟତୀତ ଗୃହରେ ଶୂନ୍ୟକାଳରେ ବିଧାୟକମାନେ ବିଭନ୍ନ ପ୍ରସଙ୍ଗ ଉପରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ପ୍ରତିଷ୍ଠା ଦିବସ ଓ ଶ୍ରଦ୍ଧାଞ୍ଜଳି

ଓଡ଼ିଶା ହାଇକୋର୍ଟର ୭୭ତମ ପ୍ରତିଷ୍ଠା ଦିବସ ଏବଂ ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ୍ ବି.କେ. ରାୟଙ୍କ ଶ୍ରାଦ୍ଧ ଦିବସ ଆଜି ହାଇକୋର୍ଟ

ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ହାଇକୋର୍ଟ ପରିସରରେ ଥିବା ଜଷ୍ଟିସ ରାୟଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ ସମେତ ଅନ୍ୟ ବିଚାରପତିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ବରିଷ୍ଠ ଆଇନଜୀବୀ ବିଜୟ କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ଆଇନଜୀବୀ ପରିଷଦ ପକ୍ଷରୁ ଜଷ୍ଟିସ୍ ରାୟଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଦିଲ୍ଲୀ ଗସ୍ତରେ ଯିବେ । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ନୀତି ଆୟୋଗ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ସମୟରେ ରାଜ୍ୟର ବିଭିନ୍ନ ସମସ୍ୟା ସଂପର୍କରେ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଆଳୁ ଦର

ରାଜ୍ୟରେ ବୃଦ୍ଧି ପାଉଥିବା ଆଳୁର ଚାହିଦାକୁ ମେଣ୍ଟାଇବା ପାଇଁ ଉତ୍ତରପ୍ରଦେଶରୁ ଆଳୁ ଆମଦାନୀ କରାଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

ମନ୍ତ୍ରୀ ଶ୍ରୀ ପାତ୍ର ଭୁବନେଶ୍ୱରସ୍ଥିତ ଆଇଗିଣିଆ ଆଳୁ ଗୋଦାମକୁ ଯାଇ ସ୍ଥିତିର ଯାଂଚ କରିଛନ୍ତି। ସେ କହିଛନ୍ତି, ଏବେ ଯେତିକି ଆଳୁ ମହଜୁଦ ଅଛି, ତାହା ସାତ ଦିନ ଯାଏଁ ରାଜ୍ୟରେ ଆଳୁର ଚାହିଦାକୁ ପୂରଣ କରିପାରିବ। ଆବଶ୍ୟକ ପଡ଼ିଲେ ଉତରପ୍ରଦେଶରୁ ଆମଦାନୀ କରାଯିବ। ଆଳୁ, ପିଆଜ ଉତ୍ପାଦନ ସହ ଶୀତଳ ଭଣ୍ଡାର ହୋଇ ନ ଥିବାରୁ ଏପରି ସ୍ଥିତି ଉପୁଜିଛି । ତେବେ ଆଳୁ ଆମଦାନୀ କ୍ଷେତ୍ରରେ ଉପୁଜିଥିବା ସମସ୍ୟାକୁ ନେଇ ଆଜି ଅପରାହ୍ନରେ ସ୍ଥିତିର ସମୀକ୍ଷା କରାଯିବା ସହ ଏକ ଜରୁରୀ ବୈଠକ ବସିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଅଭିଯୋଗ ଶୁଣାଣି ବନ୍ଦ ରହିବ

ସପ୍ତଦଶ ବିଧାନସଭାର ଅଧିବେଶନ ଚାଲିଥିବାରୁ ଆସନ୍ତା ୨୯ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ

ଅଭିଯୋଗ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ପ୍ରଦାନ କରାଯାଇଛି ।

## ଶିକ୍ଷା ସପ୍ତାହ

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଉତ୍ତମ ସଂପର୍କ ସ୍ଥାପନ, ଶିକ୍ଷାର ଗୁଣବତ୍ତା, ବିଦ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା, ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଭଳି ପ୍ରୟାସ କରାଯାଇଥିଲା ।

## ଦୁର୍ଘଟଣା

ଖୋର୍ଦ୍ଧା ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ବାଣପୁର ବିଷ୍ଣୁଡିହ ଛକ ନିକଟରେ ଅଜଣାଗାଡ଼ି ଧକ୍କାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି । ରାସ୍ତାକଡ଼ରେ ଏକ ବୋଲେରୋ ଗାଡ଼ି ନିକଟରେ ଛିଡ଼ା ହୋଇଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଯାତ୍ରୀମାନଙ୍କର ପରିଚୟ ସଠିକ୍ ଭାବେ ଜଣାପଡ଼ି ନାହିଁ ।

## ସୈନିକ ସ୍କୁଲ୍‌-ଦୀପଦାନ

କାର୍ଗିଲ ଦିବସ ପାଳନ ଅବସରରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ କମ୍ୟୁନିକେଶନ୍-ସିବିସି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବୀର ଶହୀଦଙ୍କ ସ୍ମୃତିରେ ଏକ ମହମବତୀ ଶୋଭାଯାତ୍ରା ସୈନିକ ସ୍କୁଲ୍‌ର ଛାତ୍ରମାନଙ୍କୁ ନେଇ ଆୟୋଜିତ କରାଯାଇଥିଲା । ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲ୍ ପରିସରରୁ ଏହି ଶୋଭାଯାତ୍ରା ବାହାରି ଆଚାର୍ଯ୍ୟବିହାର ଅଭିମୁଖେ ଯାଇଥିଲା । ଏଥିରେ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ, ଭାରତ ସରକାରଙ୍କ ବିଭାଗୀୟ ଅଧିକାରୀ, ସ୍କୁଲ୍‌ର ଅଧ୍ୟକ୍ଷ କର୍ଣ୍ଣେଲ ବାଲୁ ଭରତ, କର୍ଣ୍ଣେଲ ଅମିତ ତିୱାରୀ, କମାଣ୍ଡର ମନୋରମା ପୋଖରିଆଙ୍କ ସମେତ ସ୍କୁଲର ଅନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ । କାର୍ଗିଲ୍ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ସ୍ମରଣ କରି ସ୍କୁଲ୍ ପରିସରରେ ଥିବା ଶହୀଦ ସ୍ତମ୍ଭ ନିକଟରେ ଦୀପଦାନ କରାଯାଇଥିଲା ।

## ଅଲମ୍ପିକ୍

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଆଜିଠାରୁ ଅଲମ୍ପିକ୍‌ସ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ ଆରମ୍ଭ ହେଉଛି । ଭାରତ ପକ୍ଷରୁ ଶରତ କମଲ ଏବଂ ପି.ଭି. ସିନ୍ଧୁ ଜାତୀୟ ପତାକା ବହନ କରିବେ । ଚଳିତ ଅଲମ୍ପିକ୍ସରେ

ଓଡ଼ିଶାରୁ ପୁରୁଷ ହକି ଦଳରେ ଅମିତ ରୋହି ଦାସ ଏବଂ ଜାଭିଲିନ୍ ଥ୍ରୋରେ କିଶୋର ଜେନା ଅଂଶ ଗ୍ରହଣ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ଦୁଇ ଖେଳାଳିଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି ।

## ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଉତ୍ତର ବଙ୍ଗୋପସାଗର ବାଂଲାଦେଶ ଉପକୂଳରେ ଲଘୁଚାପ କେନ୍ଦ୍ରିଭୂତ ହୋଇଥିବା ବେଳେ କ୍ରମଶଃ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ପ୍ରଭାବରେ ଉତ୍ତର ଏବଂ ଉପକୂଳ ଓଡିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।